# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13 April – 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ରାଜଧାନୀ ଭୁବନେଶ୍ୱରର କଳା, ସଂସ୍କୃତି ଓ ଶ୍ରୀବୃଦ୍ଧି କରିବା ପାଇଁ ବାଚସ୍ପତିଙ୍କ ଆହ୍ୱାନ

— ୭୮ ବର୍ଷରେ ପଦାର୍ପଣ କଲା ଭୁବନେଶ୍ୱର ସହର

- ପୁରୀଠାରେ ଚାଲିଥିବା ବିଜେପି ସାଂସଦ ଓ ବିଧାୟକଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

- ମହାବିଷୁବ ସଂକ୍ରାନ୍ତୀ ଓ ହନୁମାନ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ  ସମୀକ୍ଷା ବୈଠକ ଅନୁଷ୍ଠିତ

ଏବଂ

- ରାଜ୍ୟର ଉପକୂଳ ଓ  ଆଭ୍ୟନ୍ତରୀଣ ଅଂଚଳରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଓ ବର୍ଷା ସମ୍ଭାବନା

# ରାଜଧାନୀ ପ୍ରତିଷ୍ଠା ଦିବସ

ରାଜଧାନୀ ଭୁବନେଶ୍ୱର ଆଜି ତା'ର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜଧାନୀ ଶିଳାନ୍ୟାସ ଫଳକ ଓ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ ଓ ପତାକା ଉତ୍ତୋଳନ କରିଛନ୍ତି। ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ବାଚସ୍ପତି ଆହ୍ୱାନ ଦେଇଛନ୍ତି। ରାଜାଧାନୀର କଳା, ସଂସ୍କୃତି, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ କରିଛନ୍ତି। ରାଜଧାନୀର ବିଷୟବସ୍ତୁକୁ ନେଇ ଜୟଦେବ ଭବନରେ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ବାଚସ୍ପତି ଉଦ୍‌ଘାଟନ କରିଛନ୍ତି। ଏହି ଫଟୋ ପ୍ରଦର୍ଶନୀରେ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଉପରେ ପର୍ଯ୍ୟବସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଏହି ଦୁଇଦିନିଆ ଫଟୋ ପ୍ରଦର୍ଶନୀ ଆସନ୍ତାକାଲି ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଲୋକସଂପର୍କ ବିଭାଗ ପକ୍ଷରୁ ଉତ୍କଳ ମଣ୍ଡପଠାରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

ଏହି ଅବସରରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୪୮ ମସିହା ଏପ୍ରିଲ ୧୩ ତାରିଖ ମହାବିଷୁବ ସଂକ୍ରାନ୍ତୀରେ ଭୁବନେଶ୍ୱରକୁ ଓଡ଼ିଶାର ନୂଆ ରାଜଧାନୀ ଭାବେ ଗଢ଼ି ତୋଳିବା ପାଇଁ ଶିଳାନ୍ୟାସ କରିଥିଲେ। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ୧୯୪୬ ମସିହା ସେପ୍ଟେମ୍ବର ମାସ ୩୦ ତାରିଖରେ ବିଧାନସଭାରେ ଏକ ପ୍ରସ୍ତାବ ଆଗତ କରାଇ ଭୁବନେଶ୍ୱରକୁ ରାଜଧାନୀ କରିବା ପାଇଁ ଗୃହରେ ଅନୁମୋଦନ କରାଯାଇଥିଲେ। ବର୍ତ୍ତମାନ ଭୁବନେଶ୍ୱର ସହର ୭୭ ବର୍ଷ ଅତିକ୍ରମ କରି ୭୮ ବର୍ଷରେ ପଦାର୍ପଣ କରିବା ସହିତ ଦେଶର ଏକ ଅଗ୍ରୀମ ସହର ଭାବେ ପ୍ରତିଷ୍ଠା ଅର୍ଜନ କରିଛି।

## ବିଜେପି ପ୍ରଶିକ୍ଷଣ ଶିବିର

ପୁରୀଠାରେ ୩ ଦିନ ଧରି ଚାଲିଥିବା ବିଜେପି ସାଂସଦ ଓ ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଛି। ତୃଣମୂଳସ୍ତରରେ ଦଳ ଓ ସରକାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ, ସରକାରଙ୍କ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ସମ୍ପର୍କରେ ଶିବିରରେ କେନ୍ଦ୍ରୀୟ ନେତୃତ୍ୱମାନେ ପରାମର୍ଶ ଦେଇଛନ୍ତି। ଦଳର ରାଷ୍ଟ୍ରୀୟ ସଂଗଠନ, ସାଧାରଣ ସମ୍ପାଦକ ବିଏଲ୍ ସନ୍ତୋଷ, ସହସଂଗଠନ ସମ୍ପାଦକ ବି.ସତୀଶ ଏବଂ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ସରକାରଙ୍କ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ୪ଟି ସୂତ୍ରରେ ପ୍ରଶିକ୍ଷଣ ଦେଇଥିଲେ।

## ହନୁମାନ ଜୟନ୍ତୀ

ରାଜ୍ୟରେ ଆସନ୍ତାକାଲି ମହାବିଷୁବ ସଂକ୍ରାନ୍ତୀ ଏବଂ ହନୁମାନ ଜୟନ୍ତୀ ପାଳନ କରାଯିବ। ଏହି ଉପଲକ୍ଷେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା

ବୈଠକ ଅନୁଷ୍ଠିତ ହୋଇଯାଇଛି । ହନୁମାନ ଜୟନ୍ତୀକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ଶ୍ରୀ ଆହୁଜା ବୈଠକରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ବ୍ୟାପକ ପୁଲିସ୍ ଫୋର୍ସ୍ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ପ୍ରଘନ ସଂକ୍ରାନ୍ତରେ ନଜର ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ଜିଲ୍ଲାଗୁଡ଼ିକରେ କାର୍ଯ୍ୟ କରୁଥିବା  ସାଇବର ସେଲ୍ ଦ୍ୱାରା ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ପଦଯାତ୍ରା, ବାଇକ୍‌ରାଲି ସମୟରେ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସ୍‌ପି ତଥା ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**ସମ୍ବଲପୁର** ଜିଲ୍ଲାରେ ହନୁମାନ ଜୟନ୍ତୀ ପାଳନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଇନ୍ଦା ନିର୍ଦ୍ଦେଶକ ଆର.ପି.କୋଚେ ଏହି ବୈଠକରେ ସମୀକ୍ଷା କରିଥିଲେ । ଆସନ୍ତାକାଲି ୫୦ ପ୍ଲାଟୁନ୍ ପୁଲିସ୍  ଫୋର୍ସ୍ ମୁତୟନ ହେବାକୁ ଥିବାବେଳେ ୩୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ସହରର ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି । ସମ୍ବଲପୁର ସହରକୁ ଡ୍ରୋନ୍ ସର୍ଭେଲାନ୍ସ୍‌ରେ ରଖାଯାଇଥିବାବେଳେ ସମ୍ବେଦନଶୀଳ ଅଂଚଳରେ ତଲାସୀକୁ କଡାକଡି କରାଯାଇଛି ।

## ମହାବିଷୁବ ସଂକ୍ରାନ୍ତୀ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମହାବିଷୁବ ସଂକ୍ରାନ୍ତୀ ଉପଲକ୍ଷେ ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେବ। ଏଥିଲାଗି ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପୁଲିସ୍ ପଦବୀ

ରାଜ୍ୟ ସରକାର ଓଡ଼ିଶା ପୁଲିସ୍‌ରେ ଗତ ୬ ମାସ ମଧ୍ୟରେ ୧୬ ହଜାର ୫୯ଟି ପଦବୀ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ବିଭାଗର ୯ଟି କ୍ଷେତ୍ରରେ ନୂତନ ପଦବୀଗୁଡ଼ିକ ସୃଷ୍ଟି କରାଯାଇଛି। ପୁଲିସ୍ ବାହିନୀର ବିଭିନ୍ନ ବିଭାଗକୁ ସୁଦୃଢ଼ କରିବା, କ୍ରବବର୍ଦ୍ଧିଷ୍ଣୁ ସୁରକ୍ଷା ଆହ୍ୱାନର ମୁକାବିଲା ଏବଂ ରାଜ୍ୟରେ ସାମଗ୍ରୀକ ଆଇନ୍ ଶୃଙ୍ଖଳାରେ ଉନ୍ନତି ଆଣିବା ଏହି ପଦବୀ ବୃଦ୍ଧିର ଲକ୍ଷ୍ୟ। ଏହି ନିଯୁକ୍ତି ଅଭିଯାନ ଆଇନ୍‌ଶୃଙ୍ଖଳାକୁ ପ୍ରାଥମିକତା ଦେବା, ନକ୍ସଲବାଦ ଏବଂ ସାଇବର ଅପରାଧ ଭଳି ନିର୍ଦ୍ଦିଷ୍ଟ ସୁରକ୍ଷା ଆହ୍ୱାନର ମୁକାବିଲା କରିବା ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଦର୍ଶାଉଛି।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ-୨୦୨୫ ପାଳନର ତ୍ରୟୋଦଶ ଦିନରେ ଆଜି 'ଆମ ରୁଚି ଆମ ଖାଦ୍ୟ' ଶୀର୍ଷକ ବିଷୟବସ୍ତୁ ଆଧାରିତ କାର୍ଯ୍ୟକ୍ରମମାନ ଅୟୋଜନ କରାଯାଉଛି । ଓଡ଼ିଶାର ଖାଦ୍ୟ ଏବଂ ଓଡ଼ିଆ ଲୋକମାନଙ୍କର ପସନ୍ଦକୁ ନେଇ ବିଭିନ୍ନ ଖାଦ୍ୟ ଉପରେ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ

ପକ୍ଷରୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆମ ରୁଚି ଆମ ଖାଦ୍ୟ' ଦିବସ ଅଭିଯାନରେ ସାମିଲ ହେବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଏହି ଅଭିଯାନରେ ସାମିଲ ହୋଇ ଓଡ଼ିଶାର ଖାଦ୍ୟ ପରମ୍ପରାକୁ ବଜାୟ ରଖିବା ସହ ଆମ ଖାଦ୍ୟ ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରଚାର-ପ୍ରସାର କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ରଠାରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଆମ ରୁଚି-ଆମ ଖାଦ୍ୟ' ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶଙ୍କର କେରକେଟା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରତିଯୋଗିତାରେ ୨୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଖାଦ୍ୟ ପ୍ରସ୍ତୁତ କରିଥିଲେ ।

**ବୌଦ୍ଧ** ଜିଲ୍ଲା ପଞ୍ଚାୟତିରାଜ ନଗର ଉନ୍ନୟନ ବିଭାଗ ସହଯୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଆମ ରୁଚି-ଆମ ଖାଦ୍ୟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ପାରମ୍ପରିକ ଖାଦ୍ୟର ପ୍ରସାର ସହ ଉତ୍ତରପିଢ଼ିକୁ ପରିଚିତ କରିବା ଲକ୍ଷ୍ୟରେ ଏହି ପାରମ୍ପରିକ ଖାଦ୍ୟ ଉତ୍ସବର ଆୟୋଜନ କରାଯାଇଛି ବୋଲି କହିଛନ୍ତି ।

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇ 'ଆମ ରୁଚି-ଆମ ଖାଦ୍ୟ' ଶୀର୍ଷକ କାର୍ଯ୍ୟକ୍ରମ ପାଳନ କରାଯାଇଛି । ଓଡ଼ିଆ ହାଣ୍ଡିଶାଳରୁ ହଜି ଯାଇଥିବା

ବ୍ୟଞ୍ଜନଗୁଡ଼ିକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି ।

**ରାୟଗଡ଼ା** ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ପାରମ୍ପରିକ ଖାଦ୍ୟ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ  ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା ।

## ପୋଲ ତଦାରଖ

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଂଚାୟତର ଘୋଡାଘାଟଠାରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ପୋଲ ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି । ଓଡିଶା ସହ ଛତିଶଗଡର ସଂଯୋଗ ହେବା ଏବଂ ଯାତାୟାତରେ ସୁବିଧା ନେଇ, ଗତ ପାଂଚ ବର୍ଷ ପୂର୍ବେ ଘଡାଘାଟ ଗାଁ ନିକଟରେ କଲାବ ନଦୀ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ବ୍ରିଜ ନିର୍ମାଣ ଶେଷ ହେଲେ ଛତିଶଗଡ ସହ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠର ଯୋଗାଯୋଗ ହେବା ସହ କୋଲାବ ନଦୀର ୨ ପାର୍ଶ୍ୱରେ ଥିବା ଦୁରୁଆ ସମ୍ପ୍ରଦାୟ ଲୋକଙ୍କୁ ଯାତାୟାତ ସୁବିଧା ହୋଇପାରିବ ।

## ଚଡକମେଳା

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ମହାପ୍ରଭୁଙ୍କ ଚଡକ ମେଳାର ଆଜି ପାଟପର୍ବ ପାଳିତ ହୋଇଯାଇଛି । ୧୩ ଦିନ ଧରି ମାନସିକଧାରୀ ପୁରୁଷ ଓ ମହିଳା ଭକ୍ତ ଉପବିତ ଧାରଣ କରି ନିଷ୍ଠାର ସହ ଚନ୍ଦନେଶ୍ୱରଙ୍କୁ ପୂଜା କରିଥିଲେ ।

ପଡୋଶୀ ରାଜ୍ୟ ସମେତ ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରୁ ଅର୍ଘ୍ୟପାଣି ପାଇବା ପରେ ଭକ୍ତାମାନେ ବ୍ରତ ଭଙ୍ଗ କରିଛନ୍ତି।

## ଫୁଟ୍‌ବଲ୍

**ଗଜପତି** ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପାରଳାଖେମୁଣ୍ଡିର ଗଜପତି ଷ୍ଟାଡିୟମ୍‌ରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାର ବିଜୟୀ ଦଳ ଟାଇଗର ଗୁମ୍ମା ଦଳକୁ  ସିଏମ୍ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲାର ୮ଟି କ୍ଲବ୍‌ର ୧୫ ବର୍ଷରୁ କମ୍ ବୟସର ୧୭୬ରୁ ଊର୍ଦ୍ଧ୍ୱ ଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ପାଣିପାଗ

ଆସନ୍ତା ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ  ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।ଆଜି ଏବଂ ଆସନ୍ତାକାଲି ରାଜ୍ୟର ଉପକୂଳ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ଝଡ଼ତୋଫାନ ଏବଂ ବର୍ଷାର ଅନୁମାନ କରାଯାଇଛି ।

ଆସନ୍ତା ୨୪ ଘଂଟା ମଧ୍ୟରେ ୮ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁରକୁ ସତର୍କ ସୂଚନା ଜାରି କରାଯାଇଛି।             ସୂଚନା ଅନୁସାରେ, ବୌଦ୍ଧ, ଟିଟିଲାଗଡ଼, ବଲାଙ୍ଗୀର, ଭବାନୀପାଟଣାକୁ ବାଦ୍ ଦେଲେ ଅନ୍ୟ ସବୁ

ସ୍ଥାନରେ ଆଜିର ଦିନ ତାପମାତ୍ରା ୪୦ ଡିଗ୍ରୀରୁ କମ୍ ଥିଲା । ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୪୦ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲ ।

************************************